# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 May - 2026

**********************************

## ମୁଖ୍ୟ ସମ୍ବାଦ

- ଶିକ୍ଷାକ୍ଷେତ୍ରକୁ ପ୍ରାଥମିକତା ଦେବା ସହିତ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ବେଦନଶୀଳ ଅଛନ୍ତି ସରକାର; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

— ଆସନ୍ତା ମାସ ୨୧ ତାରିଖରେ ପୁଣି ଥରେ ଅନୁଷ୍ଠିତ ହେବ ନିଟ୍-ୟୁଜି ପରୀକ୍ଷା

- ମାନବିକ ଶକ୍ତି ଓ କ୍ଷମତାକୁ ପ୍ରଗତିର କେନ୍ଦ୍ରବିନ୍ଦୁ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଲେ ରାଜ୍ୟପାଳ

- ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ ଭୋଟର ତାଲିକାରେ ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ସଘନ ସଂଶୋଧନ

ଏବଂ

- ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଡିଜେଲ ମହଜୁଦ ଥିବା ନେଇ ରାଜ୍ୟ ସରକାରଙ୍କ ସୂଚନା

# ନିଟି-ୟୁଜି

ସ୍ନାତକ ମେଡିକାଲ ପାଠ୍ୟକ୍ରମ ପାଇଁ ଆସନ୍ତା ଜୁନ୍ ୨୧ ତାରିଖରେ ନିଟ୍-ୟୁଜି-୨୦୨୬ ପୁନଃ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା ପ୍ରସ୍ତୁତି ନେଇ ଗତ ରାତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍‌ଟିଏ ପକ୍ଷରୁ ହେବାକୁ ଥିବା ପରୀକ୍ଷାର ସୁଗମ ପରିଚାଳନା ତଥା ବିଭିନ୍ନ ଦିଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷା କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ବେଦନଶୀଳ ଅଛନ୍ତି। ପୁନଃପରୀକ୍ଷା ପାଇଁ ଆସନ୍ତାମାସ ୧୪ ତାରିଖ ସୁଦ୍ଧା ପରୀକ୍ଷାର୍ଥୀ ପ୍ରବେଶପତ୍ର ପାଇପାରିବେ। ନିଟ୍-ୟୁଜି ପରୀକ୍ଷା ଆସନ୍ତାବର୍ଷରୁ ଓଏମ୍‌ଆର ଆଧାରିତ ମୋଡ୍ ପରିବର୍ତ୍ତେ କମ୍ପ୍ୟୁଟର ଆଧାରିତ-ସିବିଟି ମୋଡ୍‌ରେ କରାଯିବ। ଏନ୍‌ଟିଏରେ ସଂସ୍କାରର ଆବଶ୍ୟକତା ରହିଛି ଏବଂ ଭବିଷ୍ୟତରେ ଏଭଳି ଅନିୟମିତତା ରୋକିବା ପାଇଁ ଅଧିକ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ପ୍ରଶ୍ନପତ୍ର ଲିକ୍ ନେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାର ସିବିଆଇ ତଦନ୍ତ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି...

**- V/O -**

ଗତକାଲି ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା ସଚିବ, ସ୍କୁଲ ଶିକ୍ଷା ସଚିବ, ଏନ୍‌ଟିଏର ମହାନିର୍ଦ୍ଦେଶକ, ସିବିଏସ୍‌ଇର ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ

ସଂଗଠନ ଓ ନବୋଦୟ ବିଦ୍ୟାଳୟ ସମିତିର କମିଶନରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏନ୍‌ଟିଏ ପକ୍ଷରୁ ପରିଚାଳନା କରାଯାଉଥିବା ଏହି ପରୀକ୍ଷା ପୂର୍ବରୁ ଗତ ୩ ତାରିଖରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ଏହାକୁ ବାତିଲ କରାଯାଇଛି।

## ରାଜ୍ୟପାଳ

ମୂଲ୍ୟବୋଧ ଭିତ୍ତିକ ଜ୍ଞାନ ବିନା ଏକ ଦୃଢ଼ ଓ ସମନ୍ୱିତ ସମାଜ ଗଠନ କରିବା ସମ୍ଭବ ନୁହେଁ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରଠାରେ ଶିକ୍ଷା ଉତ୍କର୍ଷ ସମ୍ମିଳନୀକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି, ପାରଦର୍ଶିତା, ଶୃଙ୍ଖଳା, ଚରିତ୍ର ଓ ନିରନ୍ତର ଆତ୍ମଚିନ୍ତନ ବ୍ୟକ୍ତିତ୍ୱକୁ ବାସ୍ତବ ରୂପ ଦେଇଥାଏ। ଶିକ୍ଷା ଯୁବ ଚିନ୍ତନ ଶକ୍ତିକୁ ପୋଷଣ କରିବା ସହିତ ଦେଶ ଗଠନରେ ପଥ ପ୍ରଶସ୍ତ କରିଥାଏ। ବର୍ତ୍ତମାନ ସମୟରେ ଶିକ୍ଷା ପୁସ୍ତକରେ ସୀମିତ ନ ରହି ସୃଜନଶୀଳତା, ଉଦ୍ଭାବନ ଏବଂ ଗଭୀର ଚିନ୍ତାଶକ୍ତି କ୍ଷେତ୍ରକୁ ପ୍ରସାରିତ ହୋଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ସମୟରେ ସୁଯୋଗର ସୀମା ପରିବ୍ୟାପ୍ତ ହେବାରେ ଲାଗିଛି। କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ନବସୃଜନ, ଉଦ୍ୟୋଗୀ ଏବଂ ଡାଟା ସାଇନ୍ସ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେଉଛି ବୋଲି ରାଜ୍ୟପାଳ କହିଛନ୍ତି। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପରିବର୍ତ୍ତନ ଆସୁଥିଲେ ମଧ୍ୟ ମାନବିକ ଶକ୍ତି ଓ କ୍ଷମତାକୁ ପ୍ରଗତିର କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରିବାକୁ ପଡିବ ବୋଲି ଶ୍ରୀ କମ୍ଭମପାଟି କହିଛନ୍ତି।

## ଏସ୍.ଆଇ.ଆର୍.

ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଭୋଟର ତାଲିକାରେ ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ୍ କହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିକ୍ରିୟା ରଖି ଶ୍ରୀ ଗୋପାଳନ୍ କହିଛନ୍ତି, ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ଆସନ୍ତା ୨୦ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

ବର୍ତ୍ତମାନ ଓଡ଼ିଶାରେ ୩ କୋଟି ୩୪ ଲକ୍ଷ ଭୋଟର ରହିଛନ୍ତି। ଭୋଟର ତାଲିକାରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବାଦ୍ ପଡିଛନ୍ତି। ଏହି ସମୟ ମଧ୍ୟରେ ୯୪ ଦଶମିକ ୬୧ ପ୍ରତିଶତ ମ୍ୟାପିଂ ଶେଷ ହୋଇଛି। ଏସ୍ଆଇଆର ପାଇଁ ୪୫ ହଜାର ୨୫୫ ବୁଥ୍ କରାଯିବ। ଆସନ୍ତାମାସ ୩୦ ତାରିଖରୁ ବୁଥ୍ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ସର୍ଭେ କରିବେ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି.....

**- V/O -**

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ଆରମ୍ଭ ନେଇ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ରାଜ୍ୟରେ ହେବାକୁ ଥିବା ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବୁଥ୍ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ମତଦାତାଙ୍କ ତଥ୍ୟ ଯାଞ୍ଚ୍ କରିବେ। ସେମାନଙ୍କୁ ସହଯୋଗ କରିବାପାଇଁ ବିଭିନ୍ନ ରାଜ୍ୟନୈତିକ ଦଳ ପକ୍ଷରୁ ୨୭ ହଜାରରୁ ଊର୍ଦ୍ଧ୍ୱ ବୁଥ୍ସ୍ତରୀୟ ଏଜେଣ୍ଟ ନିୟୋଜିତ ହୋଇଛନ୍ତି।

## ପେଟ୍ରୋଲ ମହଜୁଦ

ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ-ଡିଜେଲ ମହଜୁଦ୍ ରହିଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଭୁବନେଶ୍ୱରଠାରେ ଆଜି ତୈଳ କମ୍ପାନୀର ଅଧିକାରୀଙ୍କ ସହ ବୈଠକ ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ପେଟ୍ରୋଲ-ଡିଜେଲର ଅଭାବ ନାହିଁ। ଆତଙ୍କତ ହୋଇ ତେଲ ନ କିଣିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜନସାଧାରଣଙ୍କ ଗହଳି ଏବଂ ମହଜୁଦ୍ ତେଲର ସୁଷମ ବଣ୍ଟନକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପ ମାଲିକମାନେ କମ୍ ପରିମାଣର ତେଲ ଦେଉଥିବା ସୂଚନା ମିଳିଛି।

**- V/O -**

ପଶ୍ଚିମ ଏସିଆ ପରିସ୍ଥିତି ପାଇଁ ତୈଳ ଏବଂ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ସୃଷ୍ଟ ଆହ୍ୱାନକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରେ ଭୁବନେଶ୍ୱରଠାରେ ଆଇଓସିଏଲ୍‌ର ସିଜିଏମ୍ କମଲ ସିଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି।

## ତେଲ ଦର ବୃଦ୍ଧି

ପଶ୍ଚିମ-ଏସିଆ ସଂଘର୍ଷ ପରିସ୍ଥିତିରେ ବିଶ୍ୱସ୍ତରରେ ଇନ୍ଧନ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ସାମାନ୍ୟ ବୃଦ୍ଧି କରାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ପେଟ୍ରୋଲ ୩ ଦଶମିକ ୨ ପ୍ରତିଶତ ଏବଂ ଡିଜେଲ୍ ୩ ଦଶମିକ ୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଅନ୍ୟାନ୍ୟ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ୨୦ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବାବେଳେ ଭାରତରେ ତୈଳ ଦର ବୃଦ୍ଧି ଯଥେଷ୍ଟ କମ୍ ରହିଛି। ଦେଶବାସୀଙ୍କୁ ମୁଦ୍ରାସ୍ଫିତି

ଏବଂ ଆର୍ଥିକ ଚାପରୁ ସୁରକ୍ଷିତ ରଖିବା ଲକ୍ଷ୍ୟ ନେଇ ସରକାରୀ କ୍ଷେତ୍ରର ତୈଳ କମ୍ପାନୀଗୁଡ଼ିକ ବିପୁଳ କ୍ଷତି ସହୁଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜନକଲ୍ୟାଣ ସହିତ ଆର୍ଥିକ ସ୍ଥିରତାକୁ ସନ୍ତୁଳିତ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି।

ତୈଳକମ୍ପାନୀଗୁଡ଼ିକ ପକ୍ଷରୁ ପେଟ୍ରୋଲ ଏବଂ ଡିଜେଲ ଦରରେ ଲିଟର ପିଛା ୩ ଟଙ୍କା ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଦର ଆଜିଠାରୁ ଲାଗୁ ହୋଇଛି।

## ଚଳଚ୍ଚିତ୍ର ବୈଠକ

ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସଂସ୍କୃତିଭବନ ସମ୍ମିଳନୀ କକ୍ଷରେ ଅପରାହ୍ଣରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ଚଳଚ୍ଚିତ୍ରର ବିକାଶ ନିମନ୍ତେ ଏହି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ବିଭିନ୍ନ ଆଲୋଚନା ଓ ବିଚାରବିମର୍ଶ କରାଯିବ।

## ଭିତ୍ତିପ୍ରସ୍ତର ସ୍ଥାପନ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଫ୍ଲାଓ ଓଭର ବ୍ରିଜ୍ ନିର୍ମାଣ ନେଇ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ନାଇଁ ୮୬ କୋଟି ୨୩ ଲକ୍ଷ ୧୬ ହଜାର ୫୦୦ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୦ ବର୍ଷ ପର୍ଯ୍ୟନ୍ତ ଏହାର ମରାମତି ଏବଂ ପରିଚାଳନା ନିର୍ମାଣକାରୀ ସଂସ୍ଥା

ଅଧୀନସ୍ଥ ରହିବ। ୧୮ ମାସ ମଧ୍ୟରେ ପ୍ରକଳ୍ପ ଶେଷ ନେଇ ସମୟସୀମା ଧାର୍ଯ୍ୟ ହୋଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ୯ଟି ପ୍ରକଳ୍ପକୁ  ଅନୁମୋଦନ କରାଯାଇଛି। ସେଥିମଧ୍ୟରେ ୩ଟି ଫ୍ଲାଏଓଭର ଏବଂ ୬ଟି ଭୂମିତଳ ରାସ୍ତା ଅନ୍ତର୍ଭୁକ୍ତ।

## ଶୁଖଦେବ ଜୟନ୍ତୀ

ସ୍ୱାଧୀନତା ସଂଗ୍ରାମୀ ସହିଦ୍ ଶୁଖଦେବ ଥାପରଙ୍କ ଜୟନ୍ତୀ ଅବସରରେ ଦେଶବାସୀ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ପୃଥକ୍ ପୃଥକ୍ ବାର୍ତ୍ତାରେ ସହିଦ୍ ଶୁଖଦେବଙ୍କ ଦେଶପ୍ରୀତି, ସାହସ ଏବଂ ସର୍ବୋଚ୍ଚ ବଳିଦାନ ଉପରେ ଆଲୋକପାତ କରିବା ସହ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ସି-ବକ୍ସ

କାର୍ଯ୍ୟକ୍ଷେତ୍ରରେ ମହିଳା ନିର୍ଯ୍ୟାତନ ପ୍ରତିହତ କରବା ଲକ୍ଷ୍ୟ ନେଇ କାର୍ଯ୍ୟକାରୀ ହୋଇଥିବା ଅନ୍‌ଲାଇନ୍ ଅଭିଯୋଗ ବ୍ୟବସ୍ଥା ସି-ବକ୍ସ ପୋର୍ଟାଲ ସମ୍ପର୍କିତ ଏକ ପ୍ରଶିକ୍ଷଣ କର୍ମଶାଳା **ବୌଦ୍ଧ**ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି  କର୍ମଶାଳାରେ ସି-ବକ୍ସ ପୋର୍ଟାଲର ଉପଯୋଗ, ନୋଡାଲ ଅଧିକାରୀଙ୍କ ଭୂମିକା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

## ବିଜ୍ଞପିତ ଅଂଚଳ ପରିଷଦ ବୈଠକ

**ନୂଆପଡା** ଜିଲ୍ଲା ଖଡିଆଲ ବିଜ୍ଞପିତ ଅଂଚଳ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡିଆଲ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ଅଧୀରାଜ ପାଣିଗ୍ରାହୀ ଯୋଗଦେଇ ବିଜ୍ଞପିତ ଅଂଚଳରେ କାର୍ଯ୍ୟକାରୀ ରହିଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ସମୀକ୍ଷା କରିଛନ୍ତି।

## ସିଏମ୍ ଟ୍ରଫି

**ଗଜପତି** ଜିଲ୍ଲାରେ 'ସିଏମ୍ ଟ୍ରଫି-୨୦୨୬' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ଭାଗ ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମନୀନ୍ଦ୍ର ହୋନାଗା ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପରିଶ୍ରମ, ନିଷ୍ଠା ଓ ଖେଳୁଆଡ୍ ମନୋଭାବ ନେଇ ଅଂଶଗ୍ରହଣ କଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ବୋଲି କହିଥିଲେ। ଏହି ଅବସରରେ ଉତ୍କୃଷ୍ଟ କ୍ରୀଡା କୌଶଳ, ଦଳୀୟ ସମନ୍ୱୟ ଓ ଶୃଙ୍ଖଳାବଦ୍ଧ ଭାବେ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ସ୍ଥିତି ଅନୁକୂଳ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଛଅ ରୁ ସାତ ଦିନ ମଧ୍ୟରେ ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ସର୍ବାଧିକ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।